**ସଂକ୍ଷେପରେ**

## କରୋନା ଟିକାକରଣ ଶୁଭାରମ୍ଭ



**ବଇଣ୍ଡା,୨୩ା୧(ଡି.ଏନ.ଏ):** କିଶୋରନଗର ବ୍ଲକ ବଇଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶନିବାର କରୋନା ଟିକାକରଣ ଶୁଭାରମ୍ଭ ହୋଇଛି। ନୁନୁକାପଶି ସରପଞ୍ଚ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ଯୋଜନା ପ୍ରବନ୍ଧକ ବିଶ୍ୱରଞ୍ଜନ ରଥ, ବିପିଏମ ସନ୍ତୋଷ କୁମାର ମହାରଣା, ଜିତେନ୍ଦ୍ର ସାହୁ, ବଇଣ୍ଡା ଆୟୁଷ ଡାକ୍ତର ସରୋଜ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ହଣ୍ଡପା ଓ ବଇଣ୍ଡା ସେକ୍ଟରର ଅଧିନ ଥିବା ୧୪୮ ଜଣ ଅଙ୍ଗନବାଡି କର୍ମୀଙ୍କ ସହ ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକା ଦିଆଯାଇଥିଲା। ଏହି ଅବସରରେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଅଚାନକ ପରିଦର୍ଶନରେ ଆସି ସମସ୍ତଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ସରୋଜ ସାହୁ, ମନିସା ତ୍ରିପାଠୀ, ମିଲି ଚାଉଳିଆ, ଦୁଷ୍ମନ୍ତ ଦେହୁରୀ, ନାରାୟଣ ଦେହୁରୀ ସହଯୋଗ କରିଥିଲେ।

## ବୁଡ଼ିଯାଉଥିବାବେଳେ ବୃଦ୍ଧ ଉଦ୍ଧାର

ଭୁବନ, ୨୩ା୧(ଡି.ଏନ.ଏ.)-ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ଗୋଡ଼ି ପୋଖରୀରେ ବୁଡ଼ି ଯାଉଥିବାବେଳେ ଜଣେ ମାନସିକ ଅନଗ୍ରସର ବ୍ୟକ୍ତିଙ୍କୁ ସ୍ଥାନୀୟ ବାସିନ୍ଦା ଉଦ୍ଧାର କରିଛନ୍ତି। ସେ ହେଲେ ଏନ୍‌ଏସିର ୮ନଂ. ୱାର୍ଡର ପତିତପାବନ ପାତ୍ର (୭୩)। ପତିତପାବନଙ୍କ ମାନସିକ ଅବସ୍ଥା ଭଲ ନାହିଁ ସେ ଭିକ୍ଷାବୃତ୍ତି କରି ଚଳନ୍ତି। ଶନିବାର ଅପରାହ୍ନରେ ସେ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ବୁଡ଼ିଯାଇଥିଲେ। ଏହା ଦେଖି ସେଠାରେ ଥିବା ମହିଳାମାନେ ପାଟି କରିବାରୁ କେତେଜଣ ଲୋକ ପହଞ୍ଚି ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ଭୁବନ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେ ଏବେ ଚିକିତ୍ସାଧୀନ ଅଛନ୍ତି। ସୂଚନାଯୋଗ୍ୟ, ଗତ ସପ୍ତାହରେ ଏନ୍‌ଏସିର ୧୫ନଂ. ୱାର୍ଡର ନରୋତ୍ତମ ଗୁରୁ ଗୋଡ଼ି ପୋଖରୀରେ ବୁଡ଼ିଯାଇଥିଲେ। ପୁନରୁଦ୍ଧାର ପରେ ପୋଖରୀ ଅଧିକ ଗଭୀର ହୋଇଯାଇଛି। ତେଣୁ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଥିବା ଅଞ୍ଚଳବାସୀ କହିଛନ୍ତି। ଏଥିପ୍ରତି ଏନ୍‌ଏସି କର୍ତ୍ତୃପକ୍ଷ ଗୁରୁତ୍ୱ ଦେବାକୁ ଦାବି ହେଉଛି।

## ଯାନବାହନରେ ଲାଗିଲା ଷ୍ଟିକର

**ଢେଙ୍କାନାଳ ଅଫିସ, ୨୩ା୧:** ଢେଙ୍କାନାଳ ଜିଲା କାମାକ୍ଷାନଗର କଲ୍ୟାଣ ମଣ୍ଡପରେ ବୁଧବାର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ରାଲି ନଗର ପରିକ୍ରମା କରିଥିଲା। ଯାନବାହନରେ ସଚେତନତା ବାର୍ତ୍ତା ସମ୍ବଳିତ ଷ୍ଟିକରିଂ କରାଯାଇଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଐରା'ର ନିର୍ଦ୍ଦେଶକ ସୁରେଶ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଉପଜିଲାପାଳ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଆଞ୍ଚଳିକ ପରିବହନ ଅଧିକାରୀ ବସନ୍ତ ମାଝି, କମିଟି ସଦସ୍ୟ ବିରଞ୍ଚି ନାରାୟଣ ପାଣି, ରାଜକିଶୋର ବେହେରା, ସରୋଜ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା କାର୍ଯ୍ୟରେ ପ୍ରତିଫଳନ ହେବା ଜରୁରୀ। ଏଥିଲାଗି ପର୍ଯ୍ୟାପ୍ତ ସଚେତନତା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଐରାର ପ୍ରସନ୍ନ ପଣ୍ଡା, ପ୍ରଦ୍ୟୁମ୍ନ କୁମାର ପଣ୍ଡା, ବସ୍ ମାଲିକ ସଂଘ ଏବଂ ଟ୍ରକ ମାଲିକ ସଂଘର କର୍ମକର୍ତ୍ତା ସହଯୋଗ କରିଥିଲେ।

## ସଙ୍ଗଠନକୁ ମଜଭୁତ କର

**ବଇଣ୍ଡା,୨୩ା୧(ଡି.ଏନ.ଏ):** କିଶୋରନଗର ବ୍ଲକ କଣ୍ଟେଇକୁଲିଆ ପଞ୍ଚାୟତ ଇଚ୍ଛାପୁର ଗ୍ରାମରେ ଶନିବାର ବିଜେଡି ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଆଠମଲ୍ଲିକ ବିଧାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ତୃଣମୂଳସ୍ତରରୁ ସଙ୍ଗଠନକୁ ମଜବୁତ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ବ୍ଲକ ଅଧକ୍ଷା ବବିତା ପ୍ରଧାନ, ସରପଞ୍ଚ ଜଳଧର ସାହୁ, ବ୍ଲକ ଉପାଧକ୍ଷ ସୁନୀଲ ପ୍ରଧାନ, ପ୍ରତାପ ପ୍ରଧାନ, ତପନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

# ନେତାଜୀଙ୍କ ଅବଦାନ ଉପରେ ଆଲୋକପାତ

**ଅନୁଗୋଳ ଅଫିସ/ ବଅଁରପାଳ/ ବଇଣ୍ଡା/ ଆଠମଲ୍ଲିକ / ଛେଣ୍ଡିପଦା, ୨୩ା୧**



ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚବିଦ୍ୟାଳୟରେ ନେତାଜୀ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ।

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୫ତମ ଜୟନ୍ତୀ ଅନୁଗୋଳ ବସ୍‌ଷ୍ଟାଣ୍ଡଠାରେ ପାଳିତ ହୋଇଯାଇଛି। ଜୟନ୍ତୀ କମିଟି ସଭାପତି ପ୍ରମୋଦ କୁମାର ପ୍ରଧାନ ଏହାକୁ ପରିଚାଳନାରେ କରିଥିଲେ। କାର୍ଯ୍ୟକ୍ରମରେ ରବୀନ୍ଦ୍ରନାଥ ପ୍ରଧାନ, ଅଭିମନ୍ୟୁ ସ୍ୱାଇଁ, ସୁବାସ ପ୍ରଧାନ, ପୁରୁଷୋତ୍ତମ ବିଶ୍ୱାଳ, ମାନସ ପାଳ, ବିଷ୍ଣୁ ସାହୁ, କୁଶ ସାହୁ, ବଳରାମ ବେହେରା, ନାରାୟଣ ନାୟକ, ନିରୂପମା ନାୟକ ପ୍ରମୁଖ ଯୋଗଦେଇଥିଲେ। ସେହିପରି ନାଲ୍‌କୋନଗର-ସଂକଳ୍ପ ସୋସିଆଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ଓ ନେହେରୁ ଯୁବକେନ୍ଦ୍ର ଅନୁଗୋଳ ପକ୍ଷରୁ କେଦାରଗୌରୀ ଅନ୍ଧ ଆଶ୍ରମରେ ଜୟନ୍ତୀ ପାଳନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବ୍ଲକ ସଂଯୋଜକ ତପନ କୁମାର ସାମଲ, ସମ୍ମାନିତ ଅତିଥି ଭାବେ ରୋଜାଲିନ ଦାସ ଯୋଗ ଦେଇଥିଲେ। ଟ୍ରଷ୍ଟ ସଭାପତି ସୁଶାନ୍ତ କୁମାର ଦାସ, ସୁଭଦ୍ରା ରାଣୀ ଦାସ, ନୀତେଶ ଜେନା, ରତିକାନ୍ତ ସେଠ, ରଶ୍ମିରେଖା ଓଝା, ବିମଳ ସାହୁ, ପତିତପାବନ ଜେନା, କୃଷ୍ଣଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ନାଲ୍‌କୋ ସରସ୍ୱତୀ ବିଦ୍ୟାମନ୍ଦିରରେ ମୁଖ୍ୟଅତିଥି ଭାବେ ନାଲ୍‌କୋ ଇଡି ଅମ୍ବିକା ପ୍ରସାଦ ପଣ୍ଡା ଯୋଗଦେଇ ନେତାଜୀଙ୍କ ଜୀବନୀ ଓ ଦେଶ ପ୍ରତି ଥିବା ଅବଦାନ ଉପରେ ଆଲୋଚନା କରିଥିଲେ। ବିଦ୍ୟାଳୟ ସଭାପତି ସରୋଜ କୁମାର ମିଶ୍ର, ମହାପ୍ରବନ୍ଧକ ଏସ.ଏନ. ସାହୁ, ଏଜିଏମ୍ ସୁନୀଲ ମହାପାତ୍ର, ପ୍ରଶାନ୍ତ କୁମାର ତ୍ରିପାଠୀ, ସମ୍ପାଦକ ପ୍ରଭାତ ଧର, ବିଦ୍ୟାଳୟ ଉପାଧ୍ୟକ୍ଷ ଡ. ସିଦ୍ଧନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କିଶୋରନଗର ବ୍ଲକ କରମଳକଟା ପରିସରରେ ଜୀବନଜୀବିକା ଓ ଜମି ସୁରକ୍ଷା କମିଟି ସଭାପତି ଦିନବନ୍ଧୁ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀରେ କୁଳମଣି ମେହେର, ସରୋଜିନୀ ନାୟକ, ଅନନ୍ତଚରଣ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଆଠମଲ୍ଲିକ ମହାବିଦ୍ୟାଳୟରେ ମୁଖ୍ୟଅତିଥି ଭାବେ ଭାରପ୍ରାପ୍ତ ଅଧକ୍ଷ ଆଦିତ୍ୟ ସାହୁ ଯୋଗ ଦେଇଥିଲେ। ଅଧାପକ ହୃଷିକେଶ ପ୍ରଧାନ, ଉମାଶଙ୍କର ବେଉରା, ଗୋପବନ୍ଧୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଛେଣ୍ଡିପଦା ବ୍ଲକ ନିଶାଠାରେ ଥିବା ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚବିଦ୍ୟାଳୟରେ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପ୍ରଧାନ ଶିକ୍ଷକ ଫକୀର ମୋହନ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଚିତ୍ତରଞ୍ଜନ ଦାସ ଓ ପ୍ରଧାନ ଶିକ୍ଷକ ଦୁଇ ମହାପୁରୁଷଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ମଧୁମିତା ସାହୁ ପରିଚାଳନା କରିଥିଲେ। କଳା ଶିକ୍ଷକ ଅର୍ଣ୍ଣବ ପଣ୍ଡା ଧନ୍ୟବାଦ ଦେଇଥିଲେ। ସେହିପରି ସନ୍ତରାବନ୍ଧଠାରେ ଜୟନ୍ତୀ ଅବସରରେ ବିଧାୟକ ସୁଶାନ୍ତ ବେହେରା, ଅନୁଗୋଳ ଜିଲା ପରିଷଦ ସଭାପତି ବାସନ୍ତୀ କିଷାନ, ବିଧାୟକଙ୍କ ଜିଲା ପ୍ରତିନିଧି ପ୍ରଦୀପ କୁମାର ସାହ ପ୍ରମୁଖ ଉପସ୍ଥିତ ଥିଲେ।



ନେତାଜୀ ପାର୍କରେ ଆୟୋଜିତ ଜୟନ୍ତୀ ଉତ୍ସବ ପାଳନ କାର୍ଯ୍ୟକ୍ରମରେ ଅତିଥିମାନେ।

## ନେତାଜୀଙ୍କ ନିକଟରେ ଦେଶବାସୀ କୃତଜ୍ଞ

**ଢେଙ୍କାନାଳ ଅଫିସ, ୨୩ା୧**

ସ୍ୱାଧୀନତା ସଂଗ୍ରାମରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଅବଦାନ ଅତୁଳନୀୟ। ତାଙ୍କର ତ୍ୟାଗ, ଦେଶଭକ୍ତିର ପଟାନ୍ତର ନାହିଁ। ଏଥିପାଇଁ ଦେଶବାସୀ ସବୁବେଳେ ତାଙ୍କ ନିକଟରେ କୃତଜ୍ଞ ରହିବେ ବୋଲି କହିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ କାମାକ୍ଷା ପ୍ରସାଦ ସିଂଦେଓ। ସଚେତନ ନାଗରିକ ଫୋରମ୍ ପକ୍ଷରୁ ଢେଙ୍କାନାଳ ନୂଆପୋଖରୀସ୍ଥିତ ନେତାଜୀ ପାର୍କରେ ଆୟୋଜିତ ଜୟନ୍ତୀ ସମାରୋହ ତଥା ପରାକ୍ରମ ଦିବସ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ଆଇନଜୀବୀ ଦିପ୍ତୀଶ ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଜିଲା ଭାଜପା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ଫୋରମ ଉପସଭାପତି ପଙ୍କଜ ନାୟକ, ସୁରେଶ ପାଣିଗ୍ରାହୀ, ସୁବାସିନୀ ମହାକୁଡ, ସୁନୀଲ ଦାଶ, ପ୍ରଭାତୀ ମହାପାତ୍ର, ବନଜା ମାନସିଂହ, ସାଜେଦା ଶତପଥୀ, ପ୍ରଫେସର ବିଶ୍ୱନାଥ ମହାପାତ୍ର, ରୁଦ୍ରନାରାୟଣ ମହାପାତ୍ର ପ୍ରମୁଖ ଯୋଗଦେଇ ନେତାଜୀଙ୍କୁ ଭାରତରତ୍ନରେ ସମ୍ମାନିତ କରିବା ପାଇଁ ଦାବି କରିଥିଲେ। ସମ୍ପାଦକ ଭରତ ଦାସ ସ୍ୱାଗତ ଭାଷଣ ଏବଂ ଦେବୀ ପ୍ରସାଦ ମିଶ୍ର ଧନ୍ୟବାଦ ଦେଇଥିଲେ।

# ନୂତନ ଗୋଲାପ ବଗିଚା ଉଦ୍‌ଘାଟିତ

**ବଅଁରପାଳ,୨୩ା୧(ଡି.ଏନ.ଏ)**



ଉଦ୍‌ଘାଟିତ ଗୋଲାପ ବଗିଚାରେ ନାଲ୍‌କୋ ଅଧିକାରୀମାନେ।

ନାଲ୍‌କୋ ନର୍ସରୀ ପରିସରରେ ଶନିବାର ଏକ ନୂତନ ଗୋଲାପ ବଗିଚା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନାଲ୍‌କୋ ନିର୍ବାହୀ ନିର୍ଦ୍ଦେଶକ ଅମ୍ବିକା ପ୍ରସାଦ ପଣ୍ଡା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ମାନବ ସମ୍ବଳ ବିଭାଗର ମହାପ୍ରବନ୍ଧକ ଏସ୍.ଏନ୍ ସାହୁ, ସ୍ମେଲଟର ମହାପ୍ରବନ୍ଧକ ମୃତ୍ୟୁ ରଞ୍ଜନ ଦାସ, ସିପିପି ମହାପ୍ରବନ୍ଧକ ସରୋଜ ମିଶ୍ର, ଉଦ୍ୟାନ ବିଭାଗ ଡିଜିଏମ ଶୁଭେନ୍ଦୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ନାଲ୍‌କୋବାସୀଙ୍କ ମନୋରଞ୍ଜନ ଉଦ୍ଦେଶ୍ୟରେ ଏହି ବଗିଚା କରାଯାଇଛି। ଏଠାରେ ବିଭିନ୍ନ ପ୍ରଜାତିର ୫ ଶହ ଗୋଲାପ ଗଛ ଲଗାଯାଇଛି। ଏହି କାର୍ଯ୍ୟକ୍ରମରେ ଉଦ୍ୟାନ ବିଭାଗର ଏଜିଏମ ଉମାକାନ୍ତ ମହାରଣା, ମ୍ୟାନେଜର ପି.କେ ମଲ୍ଲିକଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

## ଦୀପକ ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ

**ପରଜଙ୍ଗ, ୨୩ା୧(ଡି.ଏନ.ଏ.)**



ଢେଙ୍କାନାଳ ଜିଲା ପରଜଙ୍ଗ ଅଞ୍ଚଳର ଯୁବନେତା ଦୀପକ ଗେଛାୟତଙ୍କୁ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଦାୟିତ୍ୱ ଦିଆଯାଇଛି। ଭାଜପା ଯୁବମୋର୍ଚ୍ଚାର ରାଜ୍ୟ ସଭାପତି ଇରାଶିଷ ଆଚାର୍ଯ୍ୟ ତାଙ୍କ ନାମକୁ ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି। ଏଥିପୂର୍ବରୁ ସେ ରାଜ୍ୟ ସମ୍ପାଦକ ଏବଂ ସଂଯୋଜକ ଭାବେ ଦାୟିତ୍ୱ ତୁଲାଇଥିଲେ। ନୂତନ ଦାୟିତ୍ୱ ମିଳିବା ପରେ ସେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରତାପ ଷଡ଼ଙ୍ଗୀ, ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସମେତ ଦଳୀୟ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ବେଡ଼ାପଡ଼ାକୁ ହରାଇ ବଳରାମପ୍ରସାଦ ଚାମ୍ପିୟନ

**ରାସୋଳ, ୨୩ା୧(ଡି.ଏନ.ଏ.)**



ସରପଞ୍ଚ ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

ହିନ୍ଦୋଳ ବ୍ଲକ ବାବନ୍ଧ ସନ୍‌ରାଇଜ୍ ଯୁବକ ସଂଘ ପକ୍ଷରୁ ଜାନୁୟାରୀ ୨୦ରୁ ଚାଲିଥିବା ୫ମ ବିଗୁଲ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ବେଡ଼ାପଡ଼ାକୁ ହରାଇ ବଳରାମପ୍ରସାଦ ଚାମ୍ପିୟନ ହୋଇଛି। ଜିତେନ୍ଦ୍ର ସାହୁ, ମଣିଶଙ୍କର ସାହୁ ମ୍ୟାଚ୍ ପରିଚାଳନା କରିଥିବାବେଳେ ପ୍ରଭାତ ବିଶ୍ୱାଳ, ସତ୍ୟଜିତ୍ ସାହୁ ଧାରା ବିବରଣୀ ଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ବାବନ୍ଧ ପଞ୍ଚାୟତ ସରପଞ୍ଚ ମିନାକ୍ଷୀ ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୭୦୦୦ ଏବଂ ରନର୍ସଅପ୍ ଦଳକୁ ଟ୍ରଫିସହ ୪୦୦୦ ଟଙ୍କା ପ୍ରଦାନ କରିଥିଲେ। ଛବିରାଜ ବିଶ୍ୱାଳ ହେମନ୍ତ ସାହୁ, ନରେଶ ସାହୁ, ପ୍ରଦୀପ ବେହେରା, ହିମାଞ୍ଚଳ ବିଶ୍ୱାଳ, ବସନ୍ତ ସାହୁ, ପ୍ରମୁଖ ଉପସ୍ଥିତ ଥିଲେ।

## ଶିଳ୍ପୀଙ୍କୁ ସମ୍ବର୍ଦ୍ଧନା

**ଢେଙ୍କାନାଳ ଅଫିସ, ୨୩ା୧**

ଗଁଡିଆ ବ୍ଲକ କାବେରା ପଞ୍ଚାୟତ ଦଧିସିଂହା ଗ୍ରାମରେ ନେତାଜୀ କ୍ଲବ ଏବଂ ଜିଲା ସକ୍ରିୟ ନାଗରିକ ପରିଷଦର ମିଳିତ ସହଯୋଗରେ ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି। ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ବୀର ସୁଭାଷଙ୍କ ଦେଶପ୍ରେମ ଉପରେ ଆଲୋକପାତ କରିଥିଲେ। ଅଞ୍ଚଳର ନେତାଜୀଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିଥିବା ଗଙ୍ଗାଧର ରଣା ଏବଂ ଲମ୍ବୋଦର ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଧାରଣ ସମ୍ପାଦକ ରାଜୀବ ଲୋଚନ ସିଂହଦେଓ, ଉପସଭାପତି ଅଖିଳ ମହାପାତ୍ର, ଐରାର ପ୍ରଦ୍ୟୁମ୍ନ ପଣ୍ଡା, ଲମ୍ବୋଦର ପରିଡ଼ା, ଶ୍ରମିକ ନେତା ଭାସ୍କର ନାୟକ, ସୁନୀଲ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଗଁଡିଆ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଥିଙ୍କର୍ସ ଫୋରମ୍ ସଭାଗୃହରେ ଅନ୍ନଦା ଶଙ୍କର ପତିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅବସରପ୍ରାପ୍ତ ସିବିଆଇ ବିଚାରପତି ଭିକାରୀ ଚରଣ ରାଉତ ଯୋଗଦେଇ ନେତାଜୀଙ୍କ ସ୍ମୃତିଚାରଣ କରିଥିଲେ।

## ୬୩ ୟୁନିଟ୍ ରକ୍ତ ସଂଗ୍ରହ



ଜଣେ ସ୍ୱେଚ୍ଛାସେବୀଙ୍କୁ ବିଧାୟକ ଉତ୍ସାହିତ କରୁଛନ୍ତି।

**ଛେଣ୍ଡିପଦା,୨୩ା୧(ସ୍ୱ.ପ୍ର.)**

ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ଚାଙ୍ଗୁଡିଆ ପଞ୍ଚାୟତ ସନ୍ତରାବନ୍ଧ ପ୍ରାଥମିକ ବିଦ୍ୟାଳୟଠାରେ ବିଜେଡି ପକ୍ଷରୁ ଶନିବାର ଜୀବନବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଏଥିରେ ୬୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଜିଲା ଯୁବ ବିଜେଡି ସଭାପତି ଦୀନେଶ ପ୍ରଧାନଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଧାୟକ ସୁଶାନ୍ତ ବେହେରା ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭାପତି ବାସନ୍ତୀ କିଷାନ, ବିଧାୟକଙ୍କ ଜିଲା ପ୍ରତିନିଧି ପ୍ରଦୀପ କୁମାର ସାହୁ, ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ମିକୁ ପ୍ରଧାନ, ଚାଙ୍ଗୁଡିଆ ସରପଞ୍ଚ ନନ୍ଦିନୀ ସାହୁ, ଯୁବ ବିଜେଡି ବ୍ଲକ ସଭାପତି ଆଶିଷ ପ୍ରଧାନ, ଜିଲା ସମ୍ପାଦିକା ତୃପ୍ତିମୟୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଖଗପତି ପ୍ରଧାନ, ସାରଥି ସାହୁ, ସଦାଦ୍ୱାରୀ, ସିଦ୍ଧେଶ୍ୱର ଦାସ, ବିଷ୍ଣୁଚରଣ ବେହେରା, ସୁବାସ ଚନ୍ଦ୍ର ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

# ମନ୍ଦିର ନିର୍ମାଣ ପ୍ରସ୍ତୁତି ବୈଠକ

**ବଇଣ୍ଡା,୨୩ା୧(ଡି.ଏନ.ଏ.)**



କିଶୋରନଗର ବ୍ଲକ ବଇଣ୍ଡା ଛକରେ ରାଧାକୃଷ୍ଣ ଓ ଶିବ ମନ୍ଦିର ନିର୍ମାଣ ହେବ। ଫେବୃୟାରୀ ୩ ଓ ୪ ତାରିଖରେ ଭୂମିପୂଜା ଅନୁଷ୍ଠିତ ହେବ। ଏ ନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଗୁରୁବାର ରାଧାକୃଷ୍ଣ ମନ୍ଦିର ନିକଟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗିରିଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ପୂର୍ବତନ ସରପଞ୍ଚ ତ୍ରିଲୋଚନ ସାହୁ, ଭାଗୀରଥି ସାହୁ, ନୁନୁକାପଶି ସରପଞ୍ଚ ଜଳଧର ସାହୁ, ଗ୍ରାମ ସମ୍ପାଦକ ଜିତେନ୍ଦ୍ର କୁମାର ବେହେରା, ଶିକ୍ଷାବିତ୍ ନରେନ୍ଦ୍ର ବେହେରା, ଆଲୋକ ବେହେରା, ପରିକ୍ଷିତ ସାହୁ, ରମାକାନ୍ତ ବେହେରା, ଅଶୋକ ବେହେରା, ସନ୍ତୋଷ କୁମାର ସାହୁ, ରାଜେନ୍ଦ୍ର କୁମାର ରାଉତ, ରମେଶ ସାହୁ, ପ୍ରଶାନ୍ତ ସାହୁ, ଗୋପୀନାଥ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। କିଭଳି ମନ୍ଦିରର ଭୂମିପୂଜା ଓ କଳସ ଯାତ୍ରା ଅନୁଷ୍ଠିତ ହେବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା।

## ଭିକି ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଉଦ୍‌ଘାଟନୀ ସମାରୋହରେ ଅତିଥିମାନେ।

**ବଅଁରପାଳ,୨୩ା୧(ଡି.ଏନ.ଏ.)**

ବଅଁରପାଳ ବ୍ଲକ ବୁଢ଼ାପଙ୍କ ଏନ୍‌ସିସି କ୍ଲବ ପକ୍ଷରୁ ଶୁକ୍ରବାର ଜିଲାସ୍ତରୀୟ ଭିକି ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବୁଢ଼ାପଙ୍କ ସରପଞ୍ଚ ଉତ୍ସବ ଦେହୁରୀ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଏଥିରେ ୮ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିନରେ କାଣ୍ଡସର ଓ କନ୍ୟାବେଡ଼ା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। କନ୍ୟାବେଡ଼ା ପ୍ରଥମେ ବ୍ୟାଟିଂ କରି ୧୩୧ ରନ କରିଥିଲା । ଜବାବରେ କାଣ୍ଡସର ୭୦ ରନ୍ କରି ପରାସ୍ତ ହୋଇଥିଲା। ସିପୁନୁ ସାମଲ, ଅନିଲ ସାମଲ ଖେଳ ପରିଚାଳନା କରିଥିଲେ। ଆୟୋଜକ କ୍ଲବର କ୍ରିଷ୍ଣା ସାମଲ, ସନ୍ଦୀପ କୁମାର ମାଝି, ସଞ୍ଜୀବ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ନିଶା ନିବାରଣ ଉପରେ ଆଲୋଚନା

**ଢେଙ୍କାନାଳ ଅଫିସ, ୨୩ା୧**

ଢେଙ୍କାନାଳର ଦଧିବାମନଜୀଉ ମନ୍ଦିର ପ୍ରାଙ୍ଗଣରେ ସର୍ବୋଦୟ ମଣ୍ଡଳ ଓ ନିଶା ନିବାରଣ ଅଭିଯାନର ମିଳିତ ବୈଠକ ପ୍ରଦୀପ ସାହୁଙ୍କ ସଭାପତିତ୍ୱରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ନିଶା ନିବାରଣ, ଗ୍ରାମଦ୍ୟୋଗ ଓ ଗାନ୍ଧୀଙ୍କ ଆଦର୍ଶର ପ୍ରସାର ପାଇଁ ଆଲୋଚନା ହୋଇଥିଲା। ଉତ୍କଳ ସର୍ବୋଦୟ ମଣ୍ଡଳର ଓ ନିଶା ନିବାରଣ ଅଭିଯାନର ସଭାପତି ଭାବେ ପ୍ରଦୀପ ସାହୁ, ଜିଲା ସମ୍ପାଦିକା ଭାବେ ବନିତା ସାମଲ ଏବଂ ଉର୍ବଶୀ ନାୟକ ଚୟନ ହୋଇଛନ୍ତି। ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମକୁ ଗ୍ରାମାଞ୍ଚଳରେ ପହଞ୍ଚାଇବା ପାଇଁ ଗିରିଜା ନାୟକ, ସରୋଜ ଶତପଥୀ, ବବିତା ବେହେରା, କୁନା ମହନ୍ତ, ବିନୋଦିନୀ ପ୍ରଧାନଙ୍କୁ ଦାୟିତ୍ୱ ଦିଆଯାଇଛି।

# ସହର ବୁଲି ସଚେତନ କଲେ

**ଆଠମଲ୍ଲିକ/ମାଧପୁର, ୨୩ା୧(ଡି.ଏନ.ଏ.)**



କାର୍ଯ୍ୟକ୍ରମ ଅବସରରେ ଉପସ୍ଥିତ ଅଧିକାରୀମାନେ।

ଅନୁଗୋଳ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଆଠମଲ୍ଲିକ ସଦର ମହକୁମାଠାରେ ଜାତୀୟ ସଡ଼କ ସୁରକ୍ଷା ମାସ ଉପଲକ୍ଷେ ସଚେତନତା ପାଇଁ ଏକ ସାଇକେଲ ଶୋଭାଯାତ୍ରା ବାହାରିଥିଲା। ଉପଜିଲାପାଳ ଲଳିତ ମୋହନ ବେହେରା ଓ ଡିଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା ଏହାକୁ ଉଦ୍‌ଘାଟନ କରିଥିଲେ। ଆଇଆଇସି ପ୍ରିୟବ୍ରତ ଦାଶଙ୍କ ସମେତ ଆଠମଲ୍ଲିକ କଲେଜର ଏନ୍‌ସିସି ଛାତ୍ର ଓ ମହେନ୍ଦ୍ର ହାଇସ୍କୁଲ ସ୍କାଉଟ୍ସ ଗାଇଡ୍ସର ଛାତ୍ରମାନେ ସହର ପରିକ୍ରମା କରି ସଡ଼କ ସୁରକ୍ଷା ଉପରେ ସଚେତନତା ସୃଷ୍ଟି କରିଥିଲେ। ପରେ ବ୍ଲକ ସଭାଗୃହଠାରେ ବୈଠକରେ ଉପଜିଲାପାଳ ବେହେରା ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ସ୍ୱରୂପାନନ୍ଦ ସାହୁ, ଆଇଆଇସି ପ୍ରିୟବ୍ରତ ଦାଶ, ମହାବିଦ୍ୟାଳୟ ଅଧକ୍ଷ ଅଶୋକ କୁମାର ମହାନ୍ତି, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ବିଭାବଞ୍ଜନ ସାମନ୍ତସିଂହାର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କିଆକଟା ଥାନା ତ୍ରିବେଣୀ ଛକ ନିକଟରେ କିଆକଟା ପୋଲିସ ଏବଂ ମେଘା ପ୍ରକଳ୍ପ ତରଫରୁ ସଡକ ସୁରକ୍ଷା ମାସ ପାଳିତ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ କିଆକଟା ଆଇଆଇସି ଅନାମ ଲାକ୍ରା, ଆଇଆରବି ହାବିଲଦାର କ୍ଷେତ୍ରବାସୀ ନାୟକଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀ ଏବଂ ପ୍ରକଳ୍ପର ପ୍ରୋଜେକ୍ଟ ମ୍ୟାନେଜର ଅଜୟ ରାଉତରାୟ ଯୋଗଦେଇ ସଡ଼କ ସୁରକ୍ଷା ଉପରେ ସଚେତନ କରାଇଥିଲେ।

## ସଂକ୍ଷେପରେ

### ୧୦ ଆକ୍ରାନ୍ତ, ୨୬ ସୁସ୍ଥ

**ଅନୁଗୋଳ ଅଫିସ, ୨୩।୧:** ଅନୁଗୋଳ ଜିଲାରୁ ଶନିବାର ୧୦ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୧୨ ହଜାର ୨୨୦ ହୋଇଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଅନୁଗୋଳ ପୌରାଞ୍ଚଳରୁ ୩, ବଁଅରପାଳ ବ୍ଲକରୁ ୩, ତାଳଚେର ବ୍ଲକରୁ ୨, କିଶୋରନଗର ବ୍ଲକରୁ ଜଣେ ଓ ଆଠମଲ୍ଲିକ ବ୍ଲକରୁ ଜଣେ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ୨୬ ଜଣ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ

**ଅନୁଗୋଳ ଅଫିସ, ୨୩।୧:** ଅନୁଗୋଳ ହୁଲୁରିସିଂହା ଛକରେ ଶନିବାର ପୂର୍ବାହ୍ନରେ ଚିକେନ୍ ବ୍ୟବସାୟୀ ପ୍ରକାଶ ବେହେରାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ପ୍ରକାଶଙ୍କ ଦୋକାନ ସମ୍ମୁଖରେ କେତେଜଣ ଯୁବକ ପ୍ରତିଦିନ ବସି ଖଟି କରିଥାନ୍ତି। ଶନିବାର ମଧ୍ୟାହ୍ନରେ ସେମାନେ ବସି ଖଟି କରୁଥିବା ବେଳେ ପ୍ରକାଶଙ୍କ ସହ କୌଣସି କାରଣରୁ ଯୁକ୍ତିତର୍କ ହୋଇଥିଲା। ଫଳରେ ଉତ୍କ୍ଷିପ୍ତ ହୋଇ ସମ୍ପୃକ୍ତ ଯୁବକମାନେ ପ୍ରକାଶଙ୍କୁ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

### ମହିଳାଙ୍କ ବେକରୁ ଝାମ୍ପିନେଲେ ଚେନ୍

**ଅନୁଗୋଳ ଅଫିସ, ୨୩।୧:** ଅନୁଗୋଳ ସହରରେ ପୁଣି ଛିନ୍ତାଇ ଗୋଷ୍ଠୀ ସକ୍ରିୟ ହୋଇଛନ୍ତି। ଶନିବାର ମଧ୍ୟାହ୍ନରେ କାଲଟାକ୍ସ ଛକରେ ଜଣେ ମହିଳାଙ୍କ ବେକରୁ ଦୁର୍ବୃତ୍ତମାନେ ସୁନା ଚେନ୍ ଝାମ୍ପି ନେଇଛନ୍ତି। ସୂଚନା ମୁତାବକ, ମହିଳା ଜଣଙ୍କ ୫୫ନଂ. ଜାତୀୟ ରାଜପଥରେ ନାଲ୍କୋ ଆଡୁ ଅନୁଗୋଳ ଅଭିମୁଖେ ଆସୁଥିଲେ। ଏହି ସମୟରେ କାଲଟାକ୍ସ ହମ୍ପସ ନିକଟରେ ଦୁଇ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କ ବେକରୁ ଚେନ୍ ଝାମ୍ପିନେଇ ଶିମିଳିପଡ଼ା ଆଡ଼କୁ ପଳାଇଥିଲେ। ଖବରପାଇ ଅନୁଗୋଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଯାଞ୍ଚ କରିଥିଲେ ମଧ୍ୟ ଦୁର୍ବୃତ୍ତଙ୍କ ପତ୍ତା ପାଇପାରି ନାହିଁ।

### ଅର୍ଥନୀତି ବିଭାଗର ସେମିନାର

**ଖମାର, ୨୩।୧:** ପାଲଲହଡ଼ା ବ୍ଲକ ଖମାରସ୍ଥିତ ଉତ୍କଳମଣି ଗୋପବନ୍ଧୁ ମାହାବିଦ୍ୟାଳୟ ଅର୍ଥନୀତି ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ସେମିନାର ଅନୁଷ୍ଠିତ ହୋଇଯାଇଛି। ଜଗତୀକରଣ ଓ ମାନବ ବିକାଶ ଶୀର୍ଷକ ଏହି ସେମିନାରରେ କଲେଜ ଅଧକ୍ଷ ଡ. ଅକ୍ଷୟ କୁମାର ପଣ୍ଡା, ସମସ୍ତ ଅଧାପିକା, ଅଧାପକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପ୍ରଥମେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ



ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ ବିଭାଗୀୟ ମୁଖ୍ୟ ତଥା ଆବାହକ ରଞ୍ଜନ କୁମାର ମୁଦୁଲି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଭୁବନେଶ୍ୱରସ୍ଥିତ ଆଇଆଇଟି ଅନୁଷ୍ଠାନର ହ୍ୟୁମାନିଟିସ୍ ଆଣ୍ଡ ସୋସିଆଲ ସାଇନ୍ସ ବିଭାଗର ପ୍ରଫେସର ଡ. ଦୁଃଖବନ୍ଧୁ ସାହୁ ଯୋଗଦେଇ ଅଭିଭାଷଣ ରଖିଥିଲେ। ଶେଷ ପର୍ଯ୍ୟାୟରେ ପ୍ରଶ୍ନୋତ୍ତର ଜରିଆରେ ଅଧାପିକା, ଅଧାପକ ଏବଂ ଛାତ୍ରୀଛାତ୍ରମାନଙ୍କ ମନରେ ଥିବା ଦ୍ୱନ୍ଦ୍ୱ ଦୂର କରାଯାଇଥିଲା। ଅଧାପକ ନିରଞ୍ଜନ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

### ଗ୍ରାମାଞ୍ଚଳର ବିକାଶ ଉପରେ ଗୁରୁତ୍ୱ

**ବଇଣ୍ଡା, ୨୩।୧ (ଡି.ଏନ.ଏ.):** କିଶୋରନଗର ବ୍ଲକ ଜାମୁନଳୀ ଗ୍ରାମରେ ଗୁରୁବାର ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସ୍ୱୟଂମ୍ବର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ପଞ୍ଚାୟତର ୨୪ ଆଶା ଓ ଅଙ୍ଗନବାଡି କର୍ମୀ ଅଂଶଗ୍ରହଣ କରିଥିଲେ। ସୁପରଭାଇଜର ପଦ୍ମିନୀ ପ୍ରଧାନ, ନାରାୟଣ ଦେହୁରୀ ପ୍ରମୁଖ ଯୋଗଦେଇ ଗାଁ କଲ୍ୟାଣ ସମିତି ଦ୍ୱାରା ଆସୁଥିବା ସମସ୍ତ ଟଙ୍କା କିଭଳି ଖର୍ଚ୍ଚ ହେବ ସେ ଉପରେ ପରାମର୍ଶ ଦେଇଥିଲେ। ସେହିପରି ଗ୍ରାମରେ ସ୍ୱାସ୍ଥ୍ୟସେବା କିଭଳି ପହଞ୍ଚିବ ସେଥପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ।

# ନୂତନ ଅଦାଲତରୁ ତ୍ୱରିତ ନ୍ୟାୟ ଆଶା

**ବଁଅରପାଳ, ୨୩।୧ (ଡି.ଏନ.ଏ.)**



ଉଦ୍‌ଘାଟନ ଅପେକ୍ଷାରେ ଅଦାଲତ କୋଠା।

- ଫେବୃୟାରୀ ୭ରେ ବଁଅରପାଳରେ ନୂଆ କୋର୍ଟ ଉଦ୍‌ଘାଟନ
- ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଯୋଗଦାନ କାର୍ଯ୍ୟସୂଚୀ
- ଦାବି ପୂରଣ ଯୋଗୁ ବ୍ଲକବାସିନ୍ଦାଙ୍କ ମଧ୍ୟରେ ବଢ଼ୁଛି ଉତ୍ସାହ

ସିଭିଲ କେସ୍ ହେଉ କି ଚୋରି, ଡକାୟତି, ମାରପିଟ୍ ମକଦ୍ଦମା, ତାରିଖ ପଡ଼ିବା ମାତ୍ରେ ଅଦାଲତରେ ହାଜିରା ଦେବା ନିଶ୍ଚିତ। ହେଲେ ବଁଅରପାଳ ବ୍ଲକରେ କୋର୍ଟ ନ ଥିବାରୁ ଏପରି ମକଦ୍ଦମା ଲଢ଼ିବାକୁ ମହକିଲ କିମ୍ବା ତାଙ୍କ ଓକିଲଙ୍କୁ ଅନୁଗୋଳ ସଦର ମହକୁମାରେ ଥିବା କୋର୍ଟକୁ ଯିବାକୁ ପଡୁଥିଲା। ଅନେକ ମାମଲାର ବିଚାର ବର୍ଷ ବର୍ଷ ଧରି ଚାଲୁଥିବାରୁ ଏଥିପାଇଁ ବାରମ୍ବାର ଅନୁଗୋଳ ଧାଇଁବାକୁ ହେଉଥିଲା। ଫଳରେ ଯାତାୟାତ ବାବଦରେ ବହୁ ଅର୍ଥ ସହ ସମୟ ବ୍ୟୟ ହେଉଥିଲା। ତେବେ ଏପରି ମକଦ୍ଦମା ପାଇଁ ଏଣିକି ଆଉ ଅନୁଗୋଳ ଯିବାକୁ ପଡ଼ିବ ନାହିଁ। କାରଣ ଆସନ୍ତା ଫେବୃୟାରୀ ୭ ତାରିଖରେ ବଁଅରପାଳ ତହସିଲ କାର୍ଯ୍ୟାଳୟ ନିକଟରେ ଖୋଲିବାକୁ ଯାଉଛି ଦେୱାନି ବିଚାରପତି (କନିଷ୍ଠ ବିଭାଗ) ତଥା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତ। ଏହା ଜଣାପଡ଼ିବା ପରେ ଏଠାକାର ଜନସାଧାରଣ ମଧ୍ୟରେ ଉତ୍ସାହ ଦେଖାଦେଇଛି।

ବଁଅରପାଳରେ ଏହି ଅଦାଲତ ସ୍ଥାପନ ହେବା ଦ୍ୱାରା ୩୫ଟି ପଞ୍ଚାୟତର ଲୋକେ ଉପକୃତ ହୋଇପାରିବେ। ବିଶେଷକରି ନାଲ୍‌କୋ, ବଁଅରପାଳ ଥାନାରେ ହେଉଥିବା ବହୁ ମାମଲାର ବିଚାର ଏହି କୋର୍ଟରେ କରାଯିବ। ଏଥିସହ ଜରପଡ଼ା ଥାନା, ନିଶା, ଅନୁଗୋଳ ଥାନା ଓ ସଦର ଥାନା ଅଞ୍ଚଳର କିଛିଅଂଶ ଏହି ଅଦାଲତ ପରିସର ମଧ୍ୟରେ ଆସୁଛି। ତେଣୁ ମୋଟ୍ ୬ଟି ଥାନାର ବିଭିନ୍ନ ମାମଲା ନୂଆ କୋର୍ଟକୁ ଆସିବ। ବଁଅରପାଳରେ କୋର୍ଟ ଖୋଲିବା ପାଇଁ ବ୍ଲକବାସୀ ଦୀର୍ଘଦିନରୁ ଦାବି କରିଆସୁଥିଲେ। ଫେବୃୟାରୀ ୭ରେ ସେହି ଦାବି ପୂରଣ ହେବାକୁ ଯାଉଥିବାରୁ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି। ଏହାଛଡ଼ା ଏଠାରେ ଅଦାଲତ ପ୍ରତିଷ୍ଠା ଯୋଗୁ ତ୍ୱରିତ ନ୍ୟାୟ ମିଳିବ ବୋଲି ଅନେକେ ଆଶା ପ୍ରକଟ କରିଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ଇତିମଧ୍ୟରେ ବାର୍ ଆସୋସିଏଶନ ମଧ୍ୟ ଗଠନ ହୋଇସାରିଛି। ଆଇନଜୀବୀ ବିଦ୍ୟୁଭୂଷଣ ପଟ୍ଟନାୟକ ଆସୋସିଏଶନ ଅଧ୍ୟକ୍ଷ ଥିବାବେଳେ ଉପଦେଷ୍ଟା ଭାବେ ଆଇନଜୀବୀ ଶ୍ରୀକାନ୍ତ ଗଡ଼ନାୟକ, ଅଭୟ ଗଡ଼ନାୟକ, ଭାସ୍କର ଚନ୍ଦ୍ର ବେହେରା ପ୍ରମୁଖ ରହିଛନ୍ତି। ଏଥିସହ ବଁଅରପାଳ ଅଞ୍ଚଳର ବହୁ ଓକିଲ ଏହାର ସଦସ୍ୟ ଅଛନ୍ତି।

**ଖୁବ୍‌ଶୀଘ୍ର ନ୍ୟାୟ ପାଇବେ ବ୍ଲକବାସୀ**



“ ବଁଅରପାଳରେ କୋର୍ଟ ଖୋଲିବା ନିମନ୍ତେ ଦୀର୍ଘଦିନରୁ ବ୍ଲକବାସୀଙ୍କ ଦାବି ରହିଥିଲା। ଆସନ୍ତା ମାସରେ କୋର୍ଟ ଉଦ୍‌ଘାଟନ ହେଲେ ସେହି ଦାବି ପୂରଣ ହେବ। ଫଳରେ ବିଭିନ୍ନ ମକଦ୍ଦମା ପାଇଁ ଏଠାକାର ଲୋକଙ୍କୁ ଆଉ ଜିଲା ସଦର ମହକୁମା ଯିବାକୁ ପଡ଼ିବ ନାହିଁ। ସମୟ ସହ ସେମାନଙ୍କ ଏ ବାବଦ ଅର୍ଥ ମଧ୍ୟ ସଞ୍ଚୟ ହୋଇପାରିବ।

-ବିଦ୍ୟୁ ଭୂଷଣ ପଟ୍ଟନାୟକ, ବାର୍ ଆସୋସିଏଶନ ଅଧ୍ୟକ୍ଷ

**କୋର୍ଟ ଖୋଲିବା ଉତ୍ସାହ ବଢ଼ାଇଛି**



“ ଆସନ୍ତା ଫେବୃୟାରୀ ୭ରେ ବ୍ଲକ ହେଡକ୍ୱାର୍ଟରରେ ନୂତନ କୋର୍ଟ ଖୋଲାଯିବ। ହାଇକୋର୍ଟ ମୁଖ୍ୟ ବିଚାରପତି ଏହାକୁ ଉଦ୍‌ଘାଟନ କରିବେ। ଏହାଦ୍ୱାରା ବ୍ଲକର ୩୫ ପଞ୍ଚାୟତର ଲୋକେ ଉପକୃତ ହେବେ। ତେଣୁ ଏହାକୁ ନେଇ ବ୍ଲକବାସୀଙ୍କ ମଧ୍ୟରେ ଉତ୍ସାହ ବଢ଼ିଛି।

-ଶ୍ରୀକାନ୍ତ ଗଡ଼ନାୟକ, ବରିଷ୍ଠ ଆଇନଜୀବୀ

**ଦୀର୍ଘ ବର୍ଷର ପ୍ରତୀକ୍ଷା ଥିଲା**



“ ଅନେକସମୟରେ ମାମଲାର ବିଚାରରେ ବିଳମ୍ବ ଦେଖିବାକୁ ମିଳିଥାଏ। କାରଣ ମାମଲା ସଂଖ୍ୟା ବଢୁଥିବା ବେଳେ କୋର୍ଟ ଓ ବିଚାରପତିଙ୍କ ସଂଖ୍ୟା ସେହି ଅନୁସାରେ ବୃଦ୍ଧି କରାଯାଉ ନାହିଁ। ତେବେ ଦୀର୍ଘବର୍ଷର ପ୍ରତୀକ୍ଷା ପରେ ବଁଅରପାଳଠାରେ ନୂତନ କୋର୍ଟ ଖୋଲାଯିବା ସ୍ୱାଗତଯୋଗ୍ୟ ପଦକ୍ଷେପ।

- ଅଞ୍ଜଳି ଭୋଇ, ବ୍ଲକ ଅଧ୍ୟକ୍ଷା

**ଯିବାକୁ ପଡିବନି ୧୫ କିଲୋମିଟର**



“ ନ୍ୟାୟ ପାଇବା ନିମନ୍ତେ ପୂର୍ବରୁ ବଁଅରପାଳ ଲୋକଙ୍କୁ ଅନୁଗୋଳ ସଦର ମହକୁମାରେ ଥିବା କୋର୍ଟ ଉପରେ ନିର୍ଭର କରିବାକୁ ପଡୁଥିଲା। ଏଠାରେ ନୂତନ କୋର୍ଟ ହେବା ଦ୍ୱାରା ଅଞ୍ଚଳବାସୀଙ୍କୁ ଆଉ ଅନୁଗୋଳ ୧୫ କିଲୋମିଟର ଦୂର ଯିବାକୁ ପଡ଼ିବନି। ଏହା ସମସ୍ତଙ୍କ ପାଇଁ ନିଶ୍ଚିତ ଏକ ଆଶ୍ୱସ୍ତିର ବିଷୟ।

-ବାଉରିବନ୍ଧୁ ସାହୁ, ଆଇନଜୀବୀ

## ଟିକା ନେଲେଣି ୧୬୬୦ ସ୍ୱାସ୍ଥ୍ୟକର୍ମୀ

**ଅନୁଗୋଳ ଅଫିସ, ୨୩।୧**

ଅନୁଗୋଳ ଜିଲାରେ କୋଭିଡ୍ ଟିକାକରଣର ୪ର୍ଥ ଦିବସରେ ଜିଲା ମୁଖ୍ୟ ଚିକିତ୍ସାଳୟ, ତାଳଚେର ଉପଖଣ୍ଡ ଚିକିତ୍ସାଳୟ ସମେତ ୮ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଟିକା ପ୍ରଦାନ କରାଯାଇଛି। ଏହାକୁ ମିଶାଇ ଜିଲାରେ ଅଦ୍ୟାବଧି ୧୬୬୦ ଜଣକୁ ଟିକା ଦିଆଯାଇସାରିଛି। ଏମାନଙ୍କ ମଧ୍ୟରେ ୩୭ ଜଣ ଡାକ୍ତର, ୨୫ ଷ୍ଟାଫ ନର୍ସ, ୫୬ ମହିଳା ସ୍ୱାସ୍ଥ୍ୟକର୍ମୀ, ୧୭ ଲାବରେଟୋରି ଟେକ୍ନିସିଆନ, ୬ ଫାର୍ମାସିଷ୍ଟ, ୪ ସୁରକ୍ଷାକର୍ମୀ, ୧୬୩ ଆଶା କର୍ମୀ, ୮୦୭ ଅଙ୍ଗନୱାଡିକର୍ମୀ, ୧୩ ସଫେଇ କର୍ମଚାରୀ ଓ ୫୩୨ ଅନ୍ୟ ସ୍ୱାସ୍ଥ୍ୟକର୍ମଚାରୀ ଅଛନ୍ତି। କେବଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୨୬ ଜଣଙ୍କୁ ଟିକା ଦିଆଯାଇଛି। ସେହିପରି ବନ୍ତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୬୦, ବଁଅରପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୯୮, ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୦୦, କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୪୮, ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୦୦, କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୫୯, ଗୋଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୩୯ ଓ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୪୮, ତାଳଚେର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ୮୨ ଜଣ ସ୍ୱାସ୍ଥ୍ୟକର୍ମୀ ଟିକା ନେଇ ସାରିଛନ୍ତି। ଏସବୁ କାର୍ଯ୍ୟକ୍ରମକୁ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅଭୟ କୁମାର ଦାସ, ଜିଲା କାର୍ଯ୍ୟକ୍ରମ ପରିଚାଳକ ବିଶ୍ୱ ରଞ୍ଜନ ରଥ ତଥା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।

# ବି.ବି. ହାଇସ୍କୁଲକୁ ପୋଷ୍ୟ ନେଲେ ପ୍ରଶାସିକା

**ଢେଙ୍କାନାଳ ଅଫିସ, ୨୩।୧**

- ଶତାୟୁ ବିଦ୍ୟାଳୟର ବିକାଶରେ ହେବ ସହାୟକ
- ରୂପାରୋଶନଙ୍କ ଉଦ୍ୟମକୁ ବିଭିନ୍ନ ମହଲରେ ସ୍ୱାଗତ

ଢେଙ୍କାନାଳର ଶତାୟୁ ଶିକ୍ଷାନୁଷ୍ଠାନ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟ (ବିବି ହାଇସ୍କୁଲ)କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅତିରିକ୍ତ ଶାସନ ସଚିବ ରୂପାରୋଶନ ସାହୁ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି। ଏ ସଂକ୍ରାନ୍ତରେ ସେ ଟୁଇଟ୍ କରି ସୂଚନା ଦେଇଛନ୍ତି। ପ୍ରଶାସିକାଙ୍କ ଏଭଳି ଉଦ୍ୟମକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

ବିଦ୍ୟାଳୟ ଭିତ୍ତିଭୂମିର ବିକାଶ, ଉନ୍ନତମାନର ଶିକ୍ଷା ପ୍ରଦାନ ଲାଗି ରାଜ୍ୟ ସରକାର ଆରମ୍ଭ କରିଛନ୍ତି ‘ମୋ ସ୍କୁଲ ଅଭିଯାନ’। ଏହି ପରିପ୍ରେକ୍ଷୀରେ ପୁରାତନ ଛାତ୍ରୀଛାତ୍ରଙ୍କଠାରୁ ଆର୍ଥିକ ସହାୟତା ସଂଗ୍ରହ କରାଯାଇ ସ୍କୁଲର ବିକାଶମୂଳକ କାର୍ଯ୍ୟ କରାଯାଉଥିଲା। ଏବେ ଏହି କାର୍ଯ୍ୟକ୍ରମକୁ ଆଉ ଗୋଟିଏ ପାଦ ଆଗକୁ ନେଇଛନ୍ତି ସରକାର। ଜନପ୍ରତିନିଧି, କର୍ପୋରେଟ୍ ସଂସ୍ଥା, ପ୍ରଶାସନିକ ଅଧିକାରୀ ଷ୍ଟୁଡେଣ୍ଟ ଆଡ୍‌ପଶନ ମାଧ୍ୟମରେ ଗୋଟିଏ କିମ୍ବା ଏକାଧିକ ସ୍କୁଲକୁ ପୋଷ୍ୟ ଗ୍ରହଣ କରିପାରିବେ। ଏହି ପରିପ୍ରେକ୍ଷୀରେ ଅତିରିକ୍ତ ଶାସନ ସଚିବ ରୂପାରୋଶନ ବିବି ହାଇସ୍କୁଲକୁ ପୋଷ୍ୟଗ୍ରହଣ କରିଛନ୍ତି। ଫଳରେ ଏହି ଶତାୟୁ ଶିକ୍ଷାନୁଷ୍ଠାନର ସର୍ବାଙ୍ଗୀନ ବିକାଶ ହୋଇପାରିବ ବୋଲି ମୋ ସ୍କୁଲ ଅଭିଯାନ ଦାୟିତ୍ୱରେ ଥିବା ଶିକ୍ଷକ ଡ. ଦେବୀ ପ୍ରସାଦ ମିଶ୍ର କହିଛନ୍ତି। ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି କହିଛନ୍ତି, ଅତିରିକ୍ତ ଶାସନ ସଚିବ ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟକୁ ପୋଷ୍ୟ ଭାବେ ଗ୍ରହଣ କରିଥିବା ଟୁଇଟ୍ କରି ଜଣାଇଛନ୍ତି। ଏହି ଅଭିନବ ଯୋଜନା ଫଳରେ ଶିକ୍ଷାନୁଷ୍ଠାନଗୁଡିକର ଭିତ୍ତିଭୂମି, ଶିକ୍ଷା ବାତାବରଣ ସମୃଦ୍ଧ ହେବ। ସୂଚନାଯୋଗ୍ୟ, ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟ ୧୮୯୬ରେ ସ୍ଥାପିତ ହୋଇଥିଲେ। ଏବେ ସ୍କୁଲରେ ୬୦୦ ଛାତ୍ରୀଛାତ୍ର ଅଧ୍ୟୟନରତ।



ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟ।

## ଅଢ଼େଇ ଲକ୍ଷ ଟଙ୍କାର ଗହଣା ଚୋରି

**ଅନୁଗୋଳ ଅଫିସ, ୨୩।୧**

ଅନୁଗୋଳ ସହର ଉପକଣ୍ଠ ବିକାଶନଗରର ଗଣେଶ ଭିଲାର ଏକ ଘରୁ ଅଢ଼େଇ ଲକ୍ଷ ଟଙ୍କାର ସୁନାଗହଣା ସହ ନଗଦ ଟଙ୍କା ଚୋରି ହୋଇଥିବା ଅନୁଗୋଳ ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ଗଣେଶ ଭିଲାରେ ରହୁଥିବା ଆନନ୍ଦ ତ୍ରିପାଠୀ ସ୍ତ୍ରୀଙ୍କ ସହ କଟକ ମେଡିକାଲ ଯାଇଥିବା ବେଳେ ଘରେ ବୃଦ୍ଧ ବାପା ଥିଲେ। ତେବେ ଦୁର୍ବୃତ୍ତମାନେ କୌଶଳକ୍ରମେ ଘରେ ପଶି ସୁନା ଚେନ୍, କାନଫୁଲ, ମଙ୍ଗଳସୂତ୍ର ଓ ସାଢ଼େ ୫ହଜାର ଟଙ୍କା ନେଇଯାଇଥିଲେ। ଆନନ୍ଦ ସନ୍ଧ୍ୟାରେ ଘରେ ପହଞ୍ଚି ଚୋରି ହୋଇଥିବା ଜାଣି ଥାନାର ଦ୍ୱାରସ୍ଥ ହୋଇଥିଲେ। ସେହିପରି ହନୁମାନ ବଜାରରେ ଥିବା ଟାୟାର ଦୋକାନରୁ ୫୦ଟି ଟାୟାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗୁରୁବାର ବିଳମ୍ବିତ ରାତିରେ ଦୋକାନ ସମ୍ମୁଖରେ ଟ୍ରକ୍ ଲଗାଇ ରାତି ୨ଟା ପରେ ୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଟାୟାର ଚୋରାଇ ନିଆଯାଇଛି। ଏ ନେଇ ଦୋକାନ ମାଲିକ ଅଭିଯୋଗ କରିଛନ୍ତି। ଉଭୟ ଘଟଣାରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

## ଇଏସ୍‌ଆଇ ହସ୍ପିଟାଲ ପରିଦର୍ଶନ କଲେ କେନ୍ଦ୍ର ସଚିବ



ହସ୍ପିଟାଲର ସୁବିଧା ଅସୁବିଧା ସମ୍ପର୍କରେ ସଚିବ ଅନୁଧ୍ୟାନ କରୁଛନ୍ତି।

**ବଁଅରପାଳ, ୨୩।୧ (ଡି.ଏନ.ଏ)**

ଅନୁଗୋଳ ଜିଲା ବଁଅରପାଳ ବ୍ଲକ ବଳରାମପ୍ରସାଦଠାରେ ନିର୍ମାଣ ହୋଇଥିବା ସୁପର କ୍ଲାସ ଇଏସ୍‌ଆଇ ହସ୍ପିଟାଲ ଆସନ୍ତା ଫେବୃଆରୀ ୨୪ରେ କାର୍ଯ୍ୟକ୍ଷମ ହେବ। ଭାରତ ସରକାରଙ୍କ ଶ୍ରମ ଓ ନିଯୋଜନ ମନ୍ତ୍ରଣାଳୟ ସଚିବ ଡ. ଅପୂର୍ବ ଚନ୍ଦ୍ର ଶନିବାର ଏହି ହସ୍ପିଟାଲ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସଚିବ ହସ୍ପିଟାଲର ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିବା ସହ କିଭଳି ବ୍ୟବସ୍ଥା ରହିଛି ତାହା ଅନୁଧ୍ୟାନ କରିଥିଲେ। ସଚିବଙ୍କ ସହ ଇଏସ୍‌ଆଇ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ରାଉତ, ଅନୁଗୋଳ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଅନୁଗୋଳ ଜିଲା ଶ୍ରମ ଅଧିକାରୀ, ନାଲ୍‌କୋ ଇଏସ୍‌ଆଇ ହସ୍ପିଟାଲର ଡାକ୍ତର ପ୍ରିନ୍ସି ପ୍ରକାଶ, ଡା. ଅମରୀତି ପ୍ରକାଶ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ନାଲ୍‌କୋ ନିର୍ମାଣ ମଜଦୁର ସଭା ସଭାପତି ପ୍ରସନ୍ନ କୁମାର ମହାନ୍ତି, ସମ୍ପାଦକ ନଗି ସିଂ, କାର୍ଯ୍ୟକାରୀ ସଭାପତି ଭୀମସେନ ସାହୁ, ନାଲ୍‌କୋ ଶ୍ରମିକ ସଭା ସଭାପତି ବାବୁଲି ସେଠୀ, ସମ୍ପାଦକ ଟିକନଚନ୍ଦ୍ର ଦାସ ପ୍ରମୁଖ ସଚିବଙ୍କୁ ସାକ୍ଷାତ କରି ଶ୍ରମିକମାନଙ୍କ ସମସ୍ୟା ଓ ଦାବି ଉପରେ ଆଲୋଚନା କରିଥିଲେ। ପରେ ସଚିବଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

## ନିର୍ଯାତନା: ସ୍ୱାମୀ, ଶାଶୁ ଓ ଦିଅର ଗିରଫ

**କଣିହାଁ, ୨୩।୧ (ଡି.ଏନ.ଏ)**

ସ୍ତ୍ରୀଙ୍କୁ ନିର୍ଯାତନା ମାମଲାରେ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି କଣିହାଁ ଥାନା ପୋଲିସ। ଦିଅର ଓ ଶାଶୁଙ୍କୁ ଗିରଫ ପରେ ୪୧ ସିଆରପିସିରେ ଛଡାଯାଇଛି। ପୋଲିସ କହିଛି, ଜରଡ଼ା ପଞ୍ଚାୟତ ଅଦ୍ୱୈତ୍ୟପୁର ଗ୍ରାମର ରମ୍ଭା ନାଏକ ତାଙ୍କ ସ୍ୱାମୀ ଇଶ୍ୱର ନାଏକ, ଦିଅର ମହେଶ୍ୱର ନାଏକ ଓ ଶାଶୁ ସାଉଦି ନାଏକଙ୍କ ନାମରେ ନିର୍ଯାତନା ଅଭିଯୋଗ କରିଥିଲେ। ପୋଲିସ ନଂ. ୩୦/୨୧ରେ ମାମଲା ରୁଜୁ କରି ସମସ୍ତଙ୍କୁ ଗିରଫ କରିଥିବା ଆଇଆଇସି ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ପ୍ରକାଶ କରିଛନ୍ତି।

## ଡାକ ମୋହର ଉନ୍ମୋଚିତ

**ଢେଙ୍କାନାଳ ଅଫିସ, ୨୩।୧**

ଢେଙ୍କାନାଳ ମୁଖ୍ୟ ଡାକଘର ପରିସରରେ ଶନିବାର ଡାକମଣ୍ଡଳ ପକ୍ଷରୁ ପରାକ୍ରମ ଦିବସ ସମ୍ପର୍କିତ ଏକ ସ୍ୱତନ୍ତ୍ର ଡାକ ମୋହର ଉନ୍ମୋଚିତ ହୋଇଛି। ନେତାଜୀଙ୍କ ୧୨୫ତମ ଜୟନ୍ତୀ ସମ୍ପର୍କିତ ବାର୍ତ୍ତାର ପ୍ରଚାର କରିବା ଏହାର ଉଦ୍ଦେଶ୍ୟ। ଡାକମଣ୍ଡଳ ଅଧୀକ୍ଷକ ଜମେଶ୍ୱର ଗଡନାୟକ, ଡାକପାଳ ପୂର୍ଣ୍ଣଚନ୍ଦ୍ର ଶୁକ୍ଳା, ଡାକ ନିରୀକ୍ଷକ ଶୁଭେନ୍ଦୁ ଦାସ, ସମୀର ସାହୁ ଏବଂ ଡାକ କର୍ମଚାରୀ ସଂଘ ପ୍ରତିନିଧି ଅଶୋକ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।



ଡାକଘର ପରିସରରେ ସ୍ୱତନ୍ତ୍ର ଡାକ ମୋହର ଉନ୍ମୋଚନ କରାଯାଉଛି।

# ‘ଦେଶ ବିକାଶରେ ଟ୍ରକ୍ ଚାଳକଙ୍କ ଭୂମିକା ରହିଛି’

**ଅନୁଗୋଳ ଅଫିସ, ୨୩।୧**

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ (ଜେଏସ୍‌ପିଏଲ୍) ଅନୁଗୋଳ ପକ୍ଷରୁ ଟ୍ରକ୍ ଚାଳକଙ୍କ ପ୍ରାଥମିକ ଚକ୍ଷୁ ଚିକିତ୍ସା ସେବା ଶୁଭାରମ୍ଭ କରାଯାଇଛି। ଜେଏସ୍‌ପିଏଲ୍ ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ଦ୍ୱାରା କଳ୍ପନା କରାଯାଇଥିବା ଏହି କାର୍ଯ୍ୟକ୍ରମକୁ ଜେଏସ୍‌ପିଏଲ୍ ଫାଉଣ୍ଡେଶନ ଅଧ୍ୟକ୍ଷା ଶାଲୁ ଜିନ୍ଦଲ ଉଦ୍‌ଘାଟନ କରିଥିଲେ। ଏହି ସେବାକୁ ନେଇ ଜେଏସ୍‌ପିଏଲ୍ ଅଧ୍ୟକ୍ଷ ଖୁସି ବ୍ୟକ୍ତ କରିବା ସହ ତାଙ୍କ ବାର୍ତ୍ତାରେ କହିଛନ୍ତି ଯେ, ଟ୍ରକ୍ ଚାଳକମାନେ ଦେଶର ଅର୍ଥନୈତିକ ଗତିବିଧିରେ ଏକ ପ୍ରମୁଖ ଭୂମିକା ନିଭାଇଥାନ୍ତି। ସେମାନେ ଦେଶର ଅର୍ଥନୈତିକ ବିକାଶରେ ନୀରବତାର ସହ ଜଡିତ ଏବଂ ସେମାନଙ୍କ ଅବଦାନକୁ ବହୁତ କମ୍ ସ୍ୱୀକୃତି ମିଳିଥାଏ। ଏହି କାର୍ଯ୍ୟକ୍ରମ ଦ୍ୱାରା ଜେଏସ୍‌ପିଏଲ୍‌ର ଡ୍ରାଇଭର ସାଥୀମାନେ ସୁସ୍ଥ ଚକ୍ଷୁ ସହ ସଡକ ନିରାପତ୍ତାକୁ ଆହୁରି ପ୍ରଭାବଶାଳୀ କରିପାରିବେ।

କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ଫାଉଣ୍ଡେଶନ ଅଧ୍ୟକ୍ଷା ଶାଲୁ ଜିନ୍ଦଲ କହିଥିଲେ, ଗତ ୧୮ରୁ ଆରମ୍ଭ ହୋଇଥିବା ଏହି ଚିକିତ୍ସା ସେବା ଫେବୃୟାରୀ ୧୭ ପର୍ଯ୍ୟନ୍ତ ଚାଲୁ ରହିବ। ଏଥିସହ ଜାତୀୟ ସଡକ ସୁରକ୍ଷା ମାସ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଚକ୍ଷୁ ଚିକିତ୍ସା କ୍ଷେତ୍ରରେ ଏକ ପ୍ରମୁଖ ସେବା ପ୍ରଦାନକାରୀ ସଂସ୍ଥା ସାଇଟ୍ ସେଭରସ ଇଣ୍ଡିଆ ସହ କମ୍ପାନୀ ପକ୍ଷରୁ ଚୁକ୍ତିନାମା କରାଯାଇଛି। ଦେଶର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଚାଳକମାନଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଆବଶ୍ୟକ ଔଷଧ ପ୍ରଦାନର ବ୍ୟବସ୍ଥା ହୋଇଛି। ଏଥିପାଇଁ ସେ ସାଇଟ ସେଭରସ ଇଣ୍ଡିଆକୁ ଧନ୍ୟବାଦ ପ୍ରଦାନ କରିଥିଲେ। ଆଗାମୀ ୪ ମାସ ମଧ୍ୟରେ ୧୫୦୦ ଟ୍ରକ୍ ଡ୍ରାଇଭରଙ୍କୁ ଚକ୍ଷୁ ଚିକିତ୍ସା ସେବା ପ୍ରଦାନ କରାଯିବାର ଲକ୍ଷ୍ୟ ରଖାଯାଇଛି ବୋଲି ଅଧ୍ୟକ୍ଷା ପ୍ରକାଶ କରିଥିଲେ। ଜେଏସ୍‌ପିଏଲ୍ ସହ ସହଭାଗୀ ହୋଇ ଏପରି କାର୍ଯ୍ୟ କରିବାର ସୁଯୋଗ ପାଇଥିବାରୁ ସାଇଟ୍ ସେଭେରସ୍ ଇଣ୍ଡିଆର ଭାରତ ମୁଖ୍ୟ ପୁଞ୍ଜି ସଂଗ୍ରାହକ ଯତୀନ ତିୱାରୀ ଖୁସି ବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଆର୍‌ଟିଓ ବିଭବ ସାମନ୍ତସିଂହାର, ଜେଏସ୍‌ପିଏଲ୍ ସଭାପତି ଏବଂ ଗ୍ରୁପ୍ ମୁଖ୍ୟ ସିଏସ୍‌ଆର୍ ଓ ନିରନ୍ତରତା ପ୍ରଶାନ୍ତ ହୋତା, ଜିଏମ୍ ସିଏସ୍‌ଆର୍ ପୁଷ୍ପଲତା ଶତପଥୀ, ଜିଲା ମୁଖ୍ୟ ଚିକିତ୍ସାଳୟ ଚକ୍ଷୁ ବିଭାଗ ଡାକ୍ତର ନୀଳମାଧବ ପ୍ରଧାନ, ସାଇଟ୍ ସେଭରସ ଇଣ୍ଡିଆର ସୁପ୍ରତିମ ସାହୁ, ଜୋନାଲ ମ୍ୟାନେଜର ସୁମନ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମ ଅବସରରେ ଜେଏସ୍‌ପିଏଲ୍ ଫାଉଣ୍ଡେଶନ ଅଧ୍ୟକ୍ଷା ଶାଲୁ ଜିନ୍ଦଲଙ୍କ ସହ ଅନ୍ୟ ଅଧିକାରୀମାନେ।

**ଜେଏସ୍‌ପିଏଲ୍ ପକ୍ଷରୁ ଚକ୍ଷୁ ଚିକିତ୍ସା ସେବା ଶୁଭାରମ୍ଭ**

